ଶନିବାର, ୪ ଏପ୍ରିଲ, ୨୦୨୬

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 52 Years



ପ୍ରିୟ କାର୍ଟୁନ

ଶିଶୁ ପ୍ରତିଭା



ପ୍ରଚ୍ଛଦ





ଜଣା ଅଜଣା

# ବଣମଲ୍ଲୀ

## ଗପ

ବହୁଦିନ ପୂର୍ବେ ସ୍ୱର୍ଣ୍ଣ ହରିଣୀ ନାମକ ଏକ ଜଙ୍ଗଲରେ ମାଆଟିଏ ଏବଂ ତା'ର କୁନି ଝିଅ ବାସ କରୁଥିଲେ। ସେହି ଜଙ୍ଗଲରେ ସେ ମାଟିରେ ଏକ ଘର ତିଆରି କରିଥିଲେ ଏବଂ ଜଙ୍ଗଲରୁ ଫଳ ମୂଳ ସଂଗ୍ରହ କରି ଖାଇ ବଞ୍ଚୁଥିଲେ। ଏମିତି କହିବାକୁ ଗଲେ ସେମାନେ ଯେମିତି ସେମିତି କରି ଜଙ୍ଗଲରେ ବଞ୍ଚିଯାଉଥିଲେ। ସେଥିପାଇଁ ସେମାନେ ଜଙ୍ଗଲ ବାହାରକୁ ଯିବାପାଇଁ ଚେଷ୍ଟା କରୁ ନ ଥିଲେ।



ହେଲେ ସେ ଛୋଟ ଝିଅଟି ଖୁବ୍ ସୁନ୍ଦର ଥିଲା ଏବଂ ନାଚ ଗୀତ ପରି ଅନେକଗୁଡ଼ିଏ ଭଲ ଗୁଣରେ ତା'ର ପାରଦର୍ଶିତା ଥିଲା। ସେ ଖୁସି ହେଲେ ଜଙ୍ଗଲ ସାରା ନାଚି ନାଚି ଗୀତ ଗାଇ ବୁଲୁଥିଲା।

ଏମିତି ଭାବେ ମା' ଓ ଝିଅଟିର ଦିନଗୁଡ଼ିକ ଖୁସିରେ କଟିଯାଉଥିଲା। ମାତ୍ର ଦୁର୍ଭାଗ୍ୟବଶତଃ ମାଆଟି ବୁଢ଼ୀ ହୋଇଯିବାରୁ କିଛି ଦିନ ପରେ ପ୍ରାଣତ୍ୟାଗ କଲା। ଝିଅଟି ଟିକେ ବଡ଼ ହୋଇଯାଇଥିଲେ ମଧ୍ୟ ଜଙ୍ଗଲ ବାହାରକୁ ଯିବାକୁ ଚେଷ୍ଟା କଲାନାହିଁ। ସେ ଏକୁଟିଆ ସେହି ଜଙ୍ଗଲରେ ରହିଲା ଓ ମାଆକୁ ଝୁରି ଝୁରି ଘରେ ଏକୁଟିଆ ବସି ଖାଲି କାନ୍ଦିବାକୁ ଲାଗିଲା। ଏମିତିକି ଖାଇବା ପିଇବା ବି ଛାଡିଦେଲା। ଧୀରେ ଧୀରେ ତା' ଆଖି ତଳ କଳା ପଡ଼ିବାକୁ ଲାଗିଲା ଓ ତା'ର ଆଉ ସେ ସୁନ୍ଦରତା ରହିଲାନି। ସେ ତା' ପାଖରେ ଥିବା ଭଲ ଗୁଣ ସବୁକୁ ଭୁଲିଗଲା। କିଛିଦିନ ପରେ ଅତ୍ୟଧିକ ଅସୁସ୍ଥ ହୋଇ ସେ ପ୍ରାଣତ୍ୟାଗ କଲା। ତା'ର ସମସ୍ତ ସୁନ୍ଦରତା ଓ ଭଲଗୁଣ ସେହି ବଣରେ ଜନ୍ମ ହେଇ ସେହି ବଣରେ ହିଁ ସରିଯିବାରୁ ତା'ର ନାଁ ହେଲା ବଣମଲ୍ଲୀ।

ଏହି ଗପରୁ ଆମେ ଏହି ଶିକ୍ଷା କଲେ ଯେ ସମସ୍ତ ଗୁଣରେ ନିପୁଣ ଥାଇ ମଧ୍ୟ ଯଦି ତା'ର ସଦୁପଯୋଗ କରା ନ ଯାଏ ତା'ହେଲେ ତାହା ମୂଲ୍ୟହୀନ ହୋଇଯାଏ। ତୁମର ଭଲଗୁଣ ଓ ପ୍ରତିଭାକୁ କେହି ଜାଣି ନ ପାରିଲେ ବା ଲୋକମାନଙ୍କ ଆଗରେ ତାହା ପ୍ରକାଶ କରି ନ ପାରିଲେ ନିଜର କିମ୍ବା ସମାଜର ମଧ୍ୟ କୌଣସି ଉପକାର ହୋଇପାରିବ ନାହିଁ।

**– ମିତାଲି ଘୋଷ**
କ୍ଲାସ୍-୧୦, କଳିକା ନାରାୟଣୀ ବିଦ୍ୟାପୀଠ,
କେରାଣ୍ଡିପୁର, ପୁରୀ

## ଖିଲି ଖିଲି ହସ

ପପୁର ଦେହ ଅସୁସ୍ଥ ଥିବାରୁ ତା' ଶିକ୍ଷକ ତାକୁ ଦେଖିବାକୁ ଘରକୁ ଆସିଥିଲେ। ଘରେ ପହଞ୍ଚି ଦେଖିଲେ ପପୁ ଗୋଡ ଉପରକୁ ଏବଂ ମୁଣ୍ଡ ତଳକୁ କରିଛି। ଏହା ଦେଖି ଶିକ୍ଷକ କହିଲେ –ତୋ ଦେହ ଖରାପ କଥା ଶୁଣି ମୁଁ ଆସିଛି ଦେଖା କରିବାକୁ । ହେଲେ ତୁ ତ ଶୀର୍ଷାସନ କରୁଛୁ।
ପପୁ: ସାର୍ ଏବେ ବି ମୁଁ ଅସୁସ୍ଥ। ଏବେ ମୁଣ୍ଡ ବିନ୍ଧା ଔଷଧ ଖାଇଛି। କାଳେ, ମେଡିସିନ୍ ଟା ପେଟକୁ ପଳେଇବ ସେଥିପାଇଁ ଏମିତି କରୁଛି।

ଡାକ୍ତର: ତୁମେ ଆସିବା ଏତେ ଡେରି କରିଦେଲ।
ଚିଣ୍ଟୁ: କ'ଣ ହେଲା ଡାକ୍ତରବାବୁ, ଆଉ କେତେ ସମୟ ରହିଲା ମୋ ପାଖରେ ?
ଡାକ୍ତର: ମରିବନି ବା ୬ଟାରେ ଆପଏଣ୍ଟମେଣ୍ଟ ଥିଲା ଆସିଛ କିନ୍ତୁ ଆସିଛ ୭ଟାରେ !

# ଜିଭ କହିଦିଏ ସବୁ ରୋଗ !

ପିଲାମାନେ, ତୁମକୁ ଜ୍ୱର, ଥଣ୍ଡା କି ଅନ୍ୟ କୌଣସି ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଗଲେ, ଡାକ୍ତରଙ୍କ ପାଖକୁ ନିଶ୍ଚୟ ଯାଇଥିବ। ତା'ହେଲେ ସେଠି ଡାକ୍ତର ପ୍ରଥମେ ଜିଭ ଓ ଆଖି ଦେଖିବାକୁ କହନ୍ତି। ଏକଥା ପ୍ରାୟ ସମସ୍ତେ ଲକ୍ଷ୍ୟ କରିଥିବ ! ହେଲେ କେବେ ଭାବିଛ କି ପ୍ରତ୍ୟେକ ରୋଗର ପରୀକ୍ଷା ପାଇଁ ଡାକ୍ତର ଜିଭ ଓ ଆଖି କାହିଁକି ଦେଖନ୍ତି! ଏହାର କାରଣ ହେଉଛି ଶରୀରର କୌଣସି ପ୍ରକାରର ସମସ୍ୟା ଥିଲେ ପ୍ରଥମେ ଏହି ଦୁଇ ଅଙ୍ଗରେ ଲକ୍ଷଣ ଦେଖିବାକୁ ମିଳିଥାଏ। ଆୟୁର୍ବେଦ ଅନୁସାରେ ଶରୀର ଭିତରେ ଥିବା ଅଙ୍ଗପ୍ରତ୍ୟଙ୍ଗର ଗତିବିଧି ଜଣାପଡିଥାଏ ଜିଭ ମାଧ୍ୟମରେ। ଏହା ଶରୀରର ଆଇନା ଭଳି। ଆୟୁର୍ବେଦ ଅନୁସାରେ ଜିଭର ବିଭିନ୍ନ ଲକ୍ଷଣରୁ ହିଁ ଶରୀରର ରୋଗ ସମ୍ପର୍କରେ ଜଣାପଡିଥାଏ।

✪ ଜିଭ ଉପରେ ଯଦି ମୋଟାର ଧଳା ପରସ୍ତ ଭଳି ଜମିଥାଏ ତା'ହେଲେ, ଶରୀରରେ କଫ ଦୋଷ ଓ ଟକ୍ସିନ ବଢ଼ିଥିବାର ସଙ୍କେତ ଦେଇଥାଏ। ଖାଦ୍ୟ ଠିକ୍ ଭାବରେ ହଜମ ହୋଇ ନ ଥିବାରୁ ଏହି ସମସ୍ୟା ଦେଖା ଦେଇଥାଏ। ଏହା ଫଳରେ ବାରମ୍ବାର ଗ୍ୟାସ୍ ହେବା, ଥଣ୍ଡା ଶର୍ଦ୍ଦି ହେବା ଓ ମୁହଁରୁ ଦୁର୍ଗନ୍ଧ ସୃଷ୍ଟି ହେବା ଭଳି ସମସ୍ୟା ଦେଖାଦେଇଥାଏ।

✪ ସାଧାରଣତଃ ଜିଭର ରଙ୍ଗ ସାମାନ୍ୟ ଲାଲ୍ କିମ୍ବା ଗୋଲାପି। ଯଦି ଏହା ଅଧିକ ଲାଲ୍ କିମ୍ବା ହଳଦିଆ ଦେଖାଯାଏ ତେବେ ଜାଣିବାକୁ ହେବ କି ପିତ୍ତ ଦୋଷ ରହିଛି। ଶରୀରରେ ହର୍ମୋନ ସନ୍ତୁଳନ ବିଗିଡି ଯାଇଛି। ଅଧିକ ଗରମ ହେଲେ ଗ୍ୟାସ୍, ଏସିଡିଟି ଓ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦେବ। ଭିଟାମିନ୍ କମ୍ ଥିଲେ ବି ଏପରି ଲକ୍ଷଣ ଦେଖାଦିଏ। ତେଣୁ ଏଭଳି ଭାବରେ ଜିଭର ରଙ୍ଗରୁ ଡାକ୍ତରମାନେ ବିଭିନ୍ନ ରୋଗ ସମ୍ପର୍କରେ ଜାଣିପାରନ୍ତି।

## ମତାମତ

▸▸ ପ୍ରିୟ କାର୍ଟୁନ୍‌ରେ ଟମ୍ ଆଣ୍ଡ ଜେରି ବିଷୟରେ ପଢ଼ି ତା ବିଷୟରେ କିଛି କଥା ଜାଣିବାକୁ ପାଇଲି।

**–ତୁଷାର ସାହୁ, ଢେଙ୍କାନାଳ**

▸▸ ମ୍ୟାଥ୍ ପଜଲ, ବିନ୍ଦୁଜୋଡ ଆଦି କରିବାକୁ ମଜା ଲାଗୁଛି। ଏହିପରି ସବୁ ଜିନିଷ ଦେଲେ ଭଲ ଲାଗିବ।

**–ଦିବ୍ୟାଜ୍ୟୋତି ନାୟକ, ରାଉରକେଲା**

▸▸ 'ଜୀବଜନ୍ତୁଙ୍କ ଅଜବ ଘର' ପାଠଟି ପଢ଼ି କେତେକ ଜୀବ କିପରି ତାଙ୍କ ଘରକୁ ସୁନ୍ଦର ରୂପେ ଗଢ଼ି ତୋଳିଥାନ୍ତି ସେ ସମ୍ପର୍କରେ ଜାଣିପାରିଲି।

**–ପ୍ରଭାତ ସାହୁ, ନୟାଗଡ**

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ରଙ୍ଗ ଦିଅ



## ଗତ ଥରର ରଙ୍ଗ ଦିଅ





ସୌମ୍ୟାଶ୍ରୀ ସାଇସୁଧା ଦାସ
କ୍ଲାସ- ୬, ଡିଏଭି ପବ୍ଲିକ ସ୍କୁଲ,
କଳିଙ୍ଗନଗର, ଭୁବନେଶ୍ୱର


## ସୂଚନା

ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

କେବେ ବିଭିନ୍ନ ପ୍ରକାରର ଲେଖା, କେବେ ଚିତ୍ର ଆଉ କେବେ ନୂଆ ଚିନ୍ତାଧାରାର ଏକ ରୂପରେଖ ପ୍ରସ୍ତୁତ ହୋଇଥାଏ ଏଥିରେ। ସବୁ ଶ୍ରେଣୀର ପିଲାଙ୍କ ପାଇଁ ନିହାତି ଜରୁରୀ ଏହି ରଫ୍‌ଖାତା। ବିଦ୍ୟାଭ୍ୟାସ ନିମନ୍ତେ ଏହାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି ...

# ରଫ୍‌ଖାତା





ମନକୁ ଆସୁଥିବା କିଛି ନୂଆ ଚିନ୍ତାଧାରାକୁ ରୂପ ଦେବାର ଏକ ମାଧ୍ୟମ ହେଉଛି ରଫ୍‌ଖାତା। ଯେଉଁଠି ଥାଏ ଭୁଲ୍ ସୁଧାରିବାର ସୁଯୋଗ, ଆଉ ବାରମ୍ବାର ଅଭ୍ୟାସ କରିବାର ଅବସର। ଭଲଭାବରେ ନୋଟ୍ କରିବା ପୂର୍ବରୁ ଏକ ରୂପରେଖ ପ୍ରସ୍ତୁତ କରିବା, ପ୍ରତିଦିନ ଶ୍ରେଣୀ ଗୃହର ପାଠପଢାକୁ ସଙ୍ଗେ ସଙ୍ଗେ ଲେଖି ରଖିବା କାମ କରିଥାଏ ରଫ୍‌ଖାତା। ପଢିବା ସମୟରେ ମନେରଖିବା ପାଇଁ ସଂକ୍ଷିପ୍ତରେ ଏଥିରେ ପିଲାମାନେ ଲେଖିଥାନ୍ତି। ବେଳେବେଳେ ହଠାତ୍ ମନକୁ ଆସୁଥିବା ଭାବନାକୁ ରୂପ ଦେବାର ଏକ ମାଧ୍ୟମ ବି ହୋଇଥାଏ ରଫ୍‌ଖାତା।

## ସବୁ ଭାବନାକୁ ମନେରଖିବା

ହଠାତ୍ ମନକୁ କୌଣସି ବିଷୟରେ କିଛି ନୂଆ ଚିନ୍ତାଧାରା ଆସିଲେ ତାକୁ ରଫ୍‌ଖାତାରେ ହିଁ ଲେଖି ଦିଆଯାଏ। କାର୍ଯ୍ୟବ୍ୟସ୍ତତା ଭିତରେ ହୁଏତ ସେହି ସମୟରେ ଲେଖି ନ ରଖିଲେ ପରେ ମନେପଡି ନ ଥାଏ। ପରେ ପୁଣି ଥରେ ସେହି ନୂତନ ଭାବନାକୁ ମନେପକାଇବାରେ ସାହାଯ୍ୟ କରିଥାଏ ଏହି ରଫ୍‌ଖାତା। ତେଣୁ ହଠାତ୍ କିଛି କଥା ମନକୁ ଆସିଲେ ତାକୁ ରଫ୍‌ଖାତାରେ ନୋଟ୍ କରିନେବା ଦରକାର।

## ଭଲଭାବେ ବୁଝିବା

କୌଣସି ବିଷୟରେ ଭଲଭାବେ ବୁଝିବା ପାଇଁ ପ୍ରଥମେ ରଫ୍‌ଖାତାରେ ଲେଖିବାକୁ ହୋଇଥାଏ। ପ୍ରଥମେ କିଛି ଲେଖିବା ଆରମ୍ଭ କଲେ ସେ ସମ୍ପର୍କରେ ବହୁତ ଅଧିକ ତଥ୍ୟ ମନେପଡିଥାଏ। ପରେ ସେ ସବୁକୁ ଏକାଠି କରି କିଭଳି ଠିକ୍ ଭାବରେ ଅଥବା ସଜାଡି ଲେଖିବାକୁ ହେବ ତାହା ସ୍ପଷ୍ଟ ହୋଇଥାଏ। ତେଣୁ ସହଜରେ କୌଣସି ପାଠକୁ ବୁଝି ହୁଏ।

## ଉତ୍ତମ ଆଲୋଚନା

କୌଣସି ବିଷୟରେ ଏକାଠି ମିଶି ଆଲୋଚନା କରୁଥିବା ସମୟରେ ରଫ୍‌ଖାତାର ବ୍ୟବହାର ଜରୁରୀ ହୋଇଥାଏ। ଆଲୋଚନା ସମୟରେ ଗୁରୁତ୍ୱପୂର୍ଣ୍ଣ କଥାଗୁଡିକୁ ରଫ୍‌ଖାତାରେ ଲେଖିଦେଲେ ତାହା ପର ମୁହୂର୍ତ୍ତରେ ମନେପକାଇ ଦେଇଥାଏ। ତେଣୁ ଆଲୋଚନା ସମୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କଥାଗୁଡିକୁ ରଫ୍‌ଖାତାରେ ଅଳ୍ପ କିମ୍ବା ସାଙ୍କେତିକ ଭାଷାରେ ଲେଖି ରଖିବା ଦରକାର। ଏଭଳି କଲେ ପୂର୍ବ ପାଠକୁ ସହଜରେ ମନେପକାଇ ହେବ ଓ ପୁଣି ଥରେ ଏକ ଭଲ ନୋଟ୍ ତିଆରି କରିହେବ।

## ଜ୍ଞାନ ବୃଦ୍ଧିର ମାଧ୍ୟମ

ରଫ୍‌ଖାତାର ଲେଖା ସବୁ ସମୟରେ ଅଧିକ ପଢାଲେଖା କରିବା ଓ ନୂଆ କଥା ଜାଣିବାର ଏକ ମାଧ୍ୟମ। ଏଥିରେ ସୁନ୍ଦର ଭାବରେ ସବୁ କିଛି ଲେଖା ଯାଇ ନ ଥାଏ, କିନ୍ତୁ ସବୁ ବିଷୟରେ ଏଥିରେ ବିଭିନ୍ନ ପ୍ରକାରର ଜ୍ଞାନ ବଢାଇବାର ସୁଯୋଗ ମିଳିଥାଏ।



## ଏମାନେ କ’ଣ କରନ୍ତି

### ଆଗ ଲେଖେ



ରଫ୍‌ଖାତା ତ ମୋର ସବୁବେଳେ ଦରକାର ହୁଏ। ପ୍ରତ୍ୟେକ କ୍ଲାସ୍‌ରେ ମୁଁ ରଫ୍‌ଖାତା ଖୋଲି ରଖିଥାଏ। ସବୁ ବିଷୟରେ ଖାତାରେ ତରବରରେ କିଛି ଲେଖିପାରେନି। ସେଥିପାଇଁ ପଢା ହେଉଥିବାବେଳେ ଯଦି ଆବଶ୍ୟକ ହୁଏ ରଫ୍‌ଖାତାରେ ଲେଖେ। ଘରକୁ ଆସିବା ପରେ ଯେଉଁ ବିଷୟରେ ଯାହା ପଢା ହୋଇଥାଏ ସେହି ଖାତାରେ ଲେଖେ। ସେଥିପାଇଁ ମୋର ଫାଇନାଲ କପିରେ ବେଶି ଭୁଲ୍ ହୁଏନି। ଆଉ ଘରେ ବି କୌଣସି ପାଠ ପଢିବାବେଳେ ରଫ୍‌ଖାତା ସବୁବେଳେ ପାଖରେ ଥାଏ।

– **ସୁଶ୍ରୀ ଅପର୍ଣ୍ଣା ସାମଲ,** କ୍ଲାସ– ୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରପଦା, ଯାଜପୁର

### ମ୍ୟାଥ୍ କରିବାବେଳେ ବେଶି ଦରକାର



ସବୁ ସମୟରେ ରଫ୍‌ଖାତା ଦରକାର ହୁଏ। ମ୍ୟାଥ୍ କରିବାବେଳେ ତ ରଫ୍‌ଖାତା ନ ହେଲେ ହେବନି। ଘରେ ହେଉ କି ସ୍କୁଲ ଅବା ଟିଉଶନ୍ ସବୁଠି ରଫ୍‌ଖାତା ଦରକାର। ହୋମ୍‌ୱାର୍କ କରିବା ସମୟରେ ତ ନିହାତି ଦରକାର ହୁଏ। ସ୍କୁଲରେ କ’ଣ ସବୁ ପଢା ହୋଇଥାଏ ଏଇ ରଫ୍‌ଖାତା ଦେଖିଲେ ହିଁ ମନେପଡିଯାଏ। ଆଉ ତା’ପରେ ଘରେ ଯଦି ମାମା କି ବାବା କିଏ ମତେ ପଢାନ୍ତି ତା’ହେଲେ ସେମାନେ ଯାହା କହନ୍ତି ସବୁ ରଫ୍‌ଖାତାରେ ଲେଖି ଦେଖାଏ।

– **ଅନିଶ ପଟ୍ଟନାୟକ,** କ୍ଲାସ– ୭, ଷ୍ଟୁଆର୍ଟ ସ୍କୁଲ, ଭୁବନେଶ୍ୱର

### ଯାହା ମନକୁ ଆସେ ଲେଖେ




ରଫ୍‌ଖାତାରେ ଯାହା ଇଚ୍ଛା ତାହା ଲେଖେ। ବେଳେବେଳେ ଏଥିରେ ମନକୁ ଆସୁଥିବା ଏଣୁତେଣୁ ଭାବନା ବି ଲେଖିଦିଏ। ଖାଲି ବସିବା ସମୟରେ ରଫ୍‌ଖାତାରେ ଏମିତି ଲେଖୁ ଲେଖୁ କେବେ ତାହା ଛୋଟ କବିତା କି ଗପ ଭଳି ଲାଗେ, ଯାହା ପରେ ପଢିବାକୁ ବି ମତେ ବହୁତ ଭଲ ଲାଗେ। ବାବା ବି କହନ୍ତି, ଏମିତି ଭିନ୍ନ ଚିନ୍ତାଧାରା ଯଦି ମନରେ ଆସେ ତାକୁ ସଙ୍ଗେ ସଙ୍ଗେ ଲେଖି ରଖିବା ଦରକାର। ପରେ ସେସବୁକୁ ଭଲଭାବରେ ନୋଟ୍ କରି ରଖିଦିଏ।

– **ମୃଣାଙ୍କ ନନ୍ଦ,** କ୍ଲାସ–୫, ମାନବ ମଙ୍ଗଳ ସ୍ମାର୍ଟ ୱାର୍ଲ୍ଡ ସ୍କୁଲ, ଚଣ୍ଡୀଗଡ଼



ପିଲାଙ୍କ ପାଇଁ କ୍ରାଫ୍ଟ

# ପେପର୍ ପ୍ଲେଟ୍ ଫିଶ୍




**ପିଲାମାନେ ଭଳିକି ଭଳି କଳାକୃତି ପ୍ରସ୍ତୁତ କରି ଯଦି ଘର ସଜାଇବାକୁ ତୁମେମାନେ ଭଲପାଅ ତେବେ ଜାଣିରଖ କାଗଜ ପ୍ଲେଟ୍‌ରେ ସୁନ୍ଦର ସୁନ୍ଦର ମାଛ ପ୍ରସ୍ତୁତ କରିବାର ସହଜ ପ୍ରଣାଳୀ ...**

**ଆବଶ୍ୟକ ସାମଗ୍ରୀ:** ଧଳା ପେପର୍ ପ୍ଲେଟ୍, କଇଁଚି, ବ୍ଲାକ୍ ମାର୍କର, ଅରେଞ୍ଜ ଆକ୍ରିଲିକ୍ କଲର, କଲର୍ ବ୍ରଶ୍, ଅଠା, ମଧ୍ୟମ ଆକାରର ଗୁଗ୍‌ଲୀ ଆଇ। ଏହି ସବୁ ସାମଗ୍ରୀ ଏକ କ୍ଲୋନ୍ ଫିଶ୍ ପାଇଁ ନିଆଯାଇଛି। ତୁମେମାନେ ନିଜ ଇଚ୍ଛାରେ ଯେକୌଣସି ରଙ୍ଗର ମାଛ ପ୍ରସ୍ତୁତ କରିପାରିବ।

**ପ୍ରସ୍ତୁତି ପ୍ରଣାଳୀ:**

- ପ୍ରଥମେ ପେପର ପ୍ଲେଟ୍‌ର ଗୋଟିଏ ପାଖରେ କଇଁଚି ସାହାଯ୍ୟରେ ଏକ ତ୍ରିଭୁଜ ଆକାରର କାଟିଦିଅ, ଯେପରି ତାହା ମାଛର ପାଟି ଭଳି ଦିଶିବ।
- ଆଉ ଏକ ପେପର ପ୍ଲେଟ୍ ନେଇ ସେଥିରୁ ମାଛର ଲାଞ୍ଜ ଏବଂ ଡେଣା କାଟି ରଖ।
- ପ୍ରଥମ ପ୍ଲେଟ୍ ଉପରେ ବ୍ଲାକ୍ ମାର୍କର ସାହାଯ୍ୟରେ କ୍ଲୋନ୍ ଫିଶ୍‌ର ଆଉଟ୍‌ଲାଇନ୍ ଆଙ୍କ। କାଟି ରଖିଥିବା ଲାଞ୍ଜ ଏବଂ ଡେଣାଗୁଡିକୁ ଅଠା ସାହାଯ୍ୟରେ ଏହି ପ୍ଲେଟ୍‌ରେ ଲଗାଅ।
- ଅଙ୍କା ଯାଇଥିବା ଆଉଟ୍‌ଲାଇନ୍ ବାହାରେ ବ୍ରଶ୍ ସାହାଯ୍ୟରେ ଅରେଞ୍ଜ ଆକ୍ରିଲିକ୍ କଲର ଭରିଦିଅ।
- ରଙ୍ଗ ଶୁଖିଯିବା ପରେ ଗୁଗ୍‌ଲୀ ଆଇ ଲଗାଇ ଦେଖ ତୁମ ପେପର୍ ପ୍ଲେଟ୍ ଫିଶ୍ କେତେ ସୁନ୍ଦର ଦିଶୁଛି।









ଆଶ୍ଚର୍ଯ୍ୟ କଥା

# ପାଣି ନ ପିଇ ବଞ୍ଚେ ଜେରେନୁକ୍



**ପିଲାମାନେ ଆମକୁ ବଞ୍ଚିରହିବା ଲାଗି ଖାଦ୍ୟ ଆଉ ପାଣି ନିହାତି ଆବଶ୍ୟକ ବୋଲି ତୁମେମାନେ ଜାଣିଛ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବ ଯେ, ଜେନେରୁକ୍ ନାମକ ଏକ ପ୍ରାଣୀ ଅଛି ଯିଏ ଆଦୌ ପାଣି ନ ପିଇ ମଧ୍ୟ ବଞ୍ଚିପାରେ...**

ଜେରେନୁକ୍ ଆଫ୍ରିକାରେ ଦେଖାଯାଉଥିବା ଏକ ପ୍ରକାରର ଆଣ୍ଟିଲୋପ ଜାତୀୟ ପ୍ରାଣୀ। ଅତ୍ୟନ୍ତ ଗରମ ଅଞ୍ଚଳରେ ଏମାନେ ବାସ କରନ୍ତି, ଯେଉଁଠାରେ ପାଣି ମିଳିବା ଖୁବ୍ କଷ୍ଟ। ତେଣୁ ଏମାନେ ପରିବେଶ ସହିତ ଖାପ ଖୁଆଇ ରହିବା ଭଲଭାବେ ଶିଖିଯାଆନ୍ତି। ଏମାନଙ୍କ ଗୋଡ଼ ଏବଂ ବେକ ଜିରାଫ ଭଳି ଲମ୍ବା ହୋଇଥିବାରୁ ସେଠାରେ ଥିବା ବଡ଼ ବଡ଼ ଗଛରୁ ପତ୍ର ଖାଇବାରେ ସହଜ ହୋଇଥାଏ। ପାଣି ଅଭାବରୁ ସେଠାରେ ଅନ୍ୟ ଜୀବ ଖୁବ୍ କମ୍ ରହୁଥିବାରୁ ଏମାନଙ୍କୁ ପ୍ରଚୁର ପରିମାଣରେ ଖାଦ୍ୟ ମିଳିଯାଏ ଏବଂ ଶରୀରରେ ପାଣିର ଅଭାବ ଦୂର ହୋଇଥାଏ, ଯେଉଁଥିପାଇଁ ଏହି ଜୀବ ବର୍ଷ ବର୍ଷ ଧରି ଏମିତିକି ସାରା ଜୀବନ ପାଣି ନ ପିଇ ଜୀବିତ ରହିପାରନ୍ତି।

# ଅଲରାଉଣ୍ଡର ବିଶ୍ୱଜିତ


ଶିଶୁ ପ୍ରତିଭା




ବିଶ୍ୱଜିତ୍ ମଣ୍ଡଳ। ବୟସ ମାତ୍ର ୧୨ ବର୍ଷ। କିନ୍ତୁ ଏତେ କମ୍ ବୟସରେ ସେ ନିଜ ଭିତରେ ଥିବା ବିଭିନ୍ନ ପ୍ରତିଭାର ପରିଚୟ ଦେବାରେ ସକ୍ଷମ ହୋଇଛନ୍ତି। ଗୀତ ଗାଇବା, ଚିତ୍ରାଙ୍କନ, କ୍ରୀଡା ଏପରି କି ନୃତ୍ୟ କ୍ଷେତ୍ରରେ ସାଉଁଟିଛନ୍ତି ଅନେକ ପ୍ରଶଂସା। ମା' ବିଷ୍ଣୁପ୍ରିୟା ଏବଂ ବାପା ସନ୍ତୋଷ କୁମାର ମଣ୍ଡଳଙ୍କ ପୁତ୍ର ହେଉଛନ୍ତି ଅଲରାଉଣ୍ଡର ବିଶ୍ୱଜିତ। ଛତ୍ରପୁରସ୍ଥିତ ସୁନ୍ଦରପୁର ଗ୍ରାମରେ ଜନ୍ମିତ ଏହି ପ୍ରତିଭା ବର୍ତ୍ତମାନ ବ୍ରହ୍ମପୁର ଜିଲା ଲାଞ୍ଜିପଲ୍ଲୀସ୍ଥିତ ଦିଲ୍ଲୀ ପବ୍ଲିକ୍ ସିନିୟର ସେକେଣ୍ଡାରୀ ସ୍କୁଲର ଷଷ୍ଠ ଶ୍ରେଣୀରେ ଅଧ୍ୟୟନରତ। ନିଜ ବିଷୟରେ ବିଶ୍ୱଜିତ କୁହନ୍ତି, ''ପିଲାଟି ଦିନରୁ ମୋର ସଙ୍ଗୀତ ପ୍ରତି ଆଗ୍ରହ ଥିଲା। ସମୟ ମିଳିଲେ ହାରମୋନିୟମ୍ ବଜାଇ ଗୀତ ଗାଉଥିଲି। କିନ୍ତୁ ମୋର ଏହି ରାସ୍ତାରେ ବାଧକ ସୃଷ୍ଟି କରିଥିଲା ମୋ କଣ୍ଠ। ହଠାତ୍ ଗଳା ଖରାପ ହେବାରୁ ଗୀତ ଗାଇବା ଛାଡ଼ିଦେଇ ନାଚ ପ୍ରତି ମନ ବଳାଇଥିଲି। ଡ୍ୟାନ୍ସ ବ୍ୟତୀତ ଚିତ୍ର ଆଙ୍କିବା, କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଅନେକ ସ୍ଥାନରେ ପ୍ରଶଂସିତ ଏବଂ ପୁରସ୍କୃତ ହୋଇଛି। ଆଉ ଏସବୁ ସମ୍ଭବ ହୋଇପାରିଛି କେବଳ ମୋ ମା-ବାପାଙ୍କ ଆଶୀର୍ବାଦରୁ।'' ସେ ସମୀର କୁମାର ନାୟକଙ୍କ ନିକଟରୁ ନୃତ୍ୟ ଶିକ୍ଷା କରୁଛନ୍ତି ଏବଂ ତାଙ୍କର ଆର୍ଟ ଗୁରୁ ହେଲେ ଜୟରାମ ମହାରଣା। ଗତବର୍ଷ ବିଶ୍ୱଜିତ ସିଦ୍ଧାର୍ଥ ଟିଭିର ରିୟାଲିଟି ଶୋ' ନାଚ୍ ଓଡ଼ିଶା ସିଜନ-୫ରେ ଅଂଶ ଗ୍ରହଣ କରିଥିଲେ। ଏବେ ସେ ଏହାର ଗାଲା ରାଉଣ୍ଡ-୩ ପର୍ଯ୍ୟନ୍ତ ଉନ୍ନୀତ ହେବାରେ ସକ୍ଷମ ହୋଇଛନ୍ତି। ଏସବୁ ବ୍ୟତୀତ ସେ ପାଠପଢ଼ାକୁ ବେଶ୍ ସମାନ୍ତରାଳ ଭାବରେ ଆଗେଇ ନେଇଛନ୍ତି। ପାଠପଢ଼ି ସେ ଭବିଷ୍ୟତରେ ଜଣେ ଏକାଧାରରେ ଚିତ୍ରଶିଳ୍ପୀ, ଡ୍ୟାନ୍ସର ଏବଂ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଛନ୍ତି।

## ମ୍ୟାଥ୍ ପଜଲ

ଏଥରର ପ୍ରଶ୍ନ





## ଗତ ସପ୍ତାହର ଉତ୍ତର-୫୪

**ଉତ୍ତରଦାତା-**
ଶ୍ରେୟାଂଶ କୁମାର ସାହୁ, କ୍ଲାସ୍-୫,
କାର୍ମେଲ ବିଦ୍ୟାଳୟ,
ଜଟଣୀ, ଖୋର୍ଦ୍ଧା



## ପାର୍ଥକ୍ୟ ଦର୍ଶାଅ

ଏଠାରେ ଦିଆଯାଇଥିବା ଦୁଇଟି ଚିତ୍ର ମଧ୍ୟରେ ୩ଟି ପାର୍ଥକ୍ୟ ଦର୍ଶାଅ।



**ସୂଚନା** ଏହି ପୃଷ୍ଠାରେ ଦିଆଯାଇଥିବା ମ୍ୟାଥ୍ ପଜଲ୍ ଓ ପାର୍ଥକ୍ୟ ଦର୍ଶାଅର ଉତ୍ତର ଆମ ପାଖକୁ ପଠାନ୍ତୁ। ଠିକ୍ ଉତ୍ତର ଦେଇଥିବା ବିଜେତାଙ୍କ ନାମ, ଠିକଣା ଓ ଫଟୋ ଆଗାମୀ ସପ୍ତାହରେ ପ୍ରକାଶ ପାଇବ। ଆମ ଠିକଣା-dharitrifeature@gmail.com

## ପ୍ରିୟ କାର୍ଟୁନ୍

# ଡୋରେମନ୍

ଫୁ ଜି କୋ। ଏଫ୍. ଫୁଜିଙ୍କ ଦ୍ୱାରା ଲିଖିତ ଏକ ଜାପାନିଜ୍ ମାଙ୍ଗା ସିରିଜ୍‌ରେ ଡୋରେମନ୍ ହେଉଛି ୨୨ ଶତାବ୍ଦୀରେ ନିର୍ମିତ ହୋଇଥିବା ଏକ ରୋବୋଟ୍ କ୍ୟାଟ୍। ଯିଏ ନୋବିତା ନୋବି ନାମକ ଏକ ପିଲାକୁ ସାହାଯ୍ୟ କରିବା ଲାଗି ଟାଇମ୍ ମେଶିନ୍ ଦ୍ୱାରା ବହୁ ବର୍ଷ ପୂର୍ବକୁ ଆସିଛି। ଡୋରେମନ୍ ପାଖରେ ଥିବା ୪ଟି ମ୍ୟାଜିକାଲ୍ ପକେଟ୍‌ରୁ ବାହାରୁଥିବା ବହୁସଂଖ୍ୟାରେ ଗ୍ୟାଜେଟ୍ସ ଏବଂ ନୋବିତାକୁ ସାହାଯ୍ୟ କରିବା ଲାଗି ଏସବୁର ବ୍ୟବହାର ପିଲାମାନଙ୍କୁ ଅଧିକ ଆକୃଷ୍ଟ କରିଥାଏ। ଏହି କାର୍ଟୁନ୍ ସିରିଜ୍‌ରେ ଡୋରେମନ୍‌ର କାନ କାହିଁକି ନାହିଁ ଏବଂ ଏହାର ରଙ୍ଗ ନୀଳ ହେବା ପଛରେ ଏକ ମଜାଦାର କାହାଣୀ ରହିଛି। ପ୍ରଥମେ ଡୋରେମନ୍‌କୁ ହଳଦିଆ ରଙ୍ଗ କରାଯାଇଥିଲା ଏବଂ ଏହାର କାନ ମଧ୍ୟ ଥିଲା, ଯାହାକୁ ଏକ ରୋବୋଟିକ୍ ମୂଷା କାଟି ଦେଇଥିଲା। ତେଣୁ ଦୁଃଖରେ ୩ ଦିନ କାନ୍ଦିବା ପରେ ହଳଦିଆ ରଙ୍ଗ ଛାଡିଯାଇ ନୀଳ ହୋଇଯାଇଥିଲା ଆଉ ସେବେଠୁ ଏକ ବିଲେଇ ହୋଇ ମଧ୍ୟ ଡୋରେମନ୍ ମୂଷାଙ୍କୁ ଖୁବ୍ ଡରିଥାଏ। ତେବେ ଏହି କାର୍ଟୁନ୍ ସିରିଜ୍‌ର ଲୋକପ୍ରିୟତା ଏତେ ଅଧିକ ଯେ, ଡୋରେମନ୍‌କୁ ଜାପାନିଜ୍ କଲ୍‌ଚରାଲ୍ ଆଇକନ୍ ଭାବେ ୨୦୦୮ ମସିହାରେ ଜାପାନର ଫରେନ୍ ମିନିଷ୍ଟ୍ରୀ ଦ୍ୱାରା ପ୍ରଥମ ଆନିମେ ଆମ୍ବାସାଡର୍ ଭାବେ ନିଯୁକ୍ତି ଦିଆଯାଇଥିଲା। କେବଳ ଏତିକି ନୁହେଁ ଆଶ୍ଚର୍ଯ୍ୟର କଥା ଯେ, ଏକ କାର୍ଟୁନ୍ କ୍ୟାରେକ୍ଟର ହୋଇଥିଲେ ହେଁ ଡୋରେମନ୍‌କୁ ଜାପାନର ନାଗରିକତ୍ୱ ମଧ୍ୟ ମିଳିଛି। ଏହି କାର୍ଟୁନ୍ ସିରିଜ୍‌ରୁ ପିଲାମାନଙ୍କୁ ବନ୍ଧୁତା, ସଚ୍ଚୋଟତା ଏବଂ ଜୀବନରେ ଆସୁଥିବା ବିଭିନ୍ନ ସମସ୍ୟାକୁ କିପରି ସହଜରେ ସମାଧାନ କରିହେବ ସେକଥା ଶିଖିବାକୁ ମିଳିଥାଏ।



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

ଶରୀରକୁ ଅଧିକ ଆକର୍ଷଣୀୟ କରିବା ପାଇଁ କେତେକେ ବିଭିନ୍ନ ପ୍ରକାରର ଟାଟୁ କରନ୍ତି। ଠିକ୍ ସେମିତି ଗାଡିକୁ ବିଭିନ୍ନ ରଙ୍ଗରେ ସଜାଇଲେ ତାହା ବି ଅଧିକ ସୁନ୍ଦର ଦେଖାଯାଏ। ପ୍ରସିଦ୍ଧ କାର୍ ନିର୍ମାତା କମ୍ପାନୀ କୁପ୍ରା ମେକ୍ସିକୋ ଏଥିପାଇଁ ଏକ

### ବଡି ପେଣ୍ଟିଂ





ଭିନ୍ନ ପ୍ରୟାସ ଆରମ୍ଭ କରିଥିଲା। ଶହ ଶହ ସଂଖ୍ୟାରେ ଲୋକଙ୍କୁ ଏକାଠି କରି ତାଙ୍କ ଶରୀରରେ ଏହି କମ୍ପାନୀର ଲୋଗୋ ଓ ଗାଡିର ମଡେଲକୁ ପେଣ୍ଟିଂ କରାଇଥିଲା। ଚଳିତବର୍ଷ (୨୦୨୬) ମେକ୍ସିକୋ ସିଟିରେ ଜାନୁଆରୀ ମାସରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ମୋଟ ୪୯୮ ଜଣ ଶରୀରର ବିଭିନ୍ନ ଅଂଶରେ ଏଭଳି ରଙ୍ଗ ଲଗାଇ ଏକାଠି ହୋଇଥିଲେ। କାର୍ କମ୍ପାନୀର ଲୋଗୋ ଓ ଡିଜାଇନ୍‌କୁ ଏମାନେ ଏତେ ସୁନ୍ଦର ଭାବରେ ରଙ୍ଗାୟିତ କରି ପ୍ରଦର୍ଶନ କରିଥିଲେ ଯେ ଦେଖଣାହାରୀଙ୍କୁ ଢେର୍ ସମୟ ପର୍ଯ୍ୟନ୍ତ ଆକୃଷ୍ଟ କରି ରଖିଥିଲା। କମ୍ପାନୀର ଏହି ବ୍ରାଣ୍ଡକୁ ଅଧିକ ଲୋକପ୍ରିୟ କରାଇବା ନିମନ୍ତେ ଏହି ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ହେଲେ ସର୍ବାଧିକ ସଂଖ୍ୟାରେ ଲୋକ ଏଭଳି ଭାବରେ ରଙ୍ଗ ଲଗାଇ ଗୋଟିଏ ସ୍ଥାନରେ ଏକାଠି ହୋଇଥିବାରୁ ଏହି କାର୍ଯ୍ୟକ୍ରମଟି ଗିନିଜ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି।

## ଏଥରର ?

- ଓଡ଼ିଶାର ଆଦିକବି କାହାକୁ କହନ୍ତି ?
- କେଉଁ କବିଙ୍କୁ ଅତିବଡୀ କହନ୍ତି ?
- ଓଡ଼ିଶାର ଭକ୍ତକବି କିଏ ?
- ବ୍ୟାସକବି କାହାକୁ କହନ୍ତି ?
- କର ବା ମର ସ୍ଲୋଗାନ୍ କିଏ ଦେଇଥିଲେ ?

## ଗତଥରର ଉତ୍ତର

- ଥୋମାସ୍ ଏଡିସନ୍
- ଜନ୍ ଲୋଗି ବେୟର୍ଡ
- ଆଲେକଜାଣ୍ଡାର ଗ୍ରାହମ୍ ବେଲ୍
- ରାଇଟ୍ ବ୍ରଦର୍ସ (ଓରଭିଲେ ଓ ୱିଲବୁର)
- ଲାଲ୍ ବାହାଦୁର ଶାସ୍ତ୍ରୀ





## ରାମୁର ମୋବାଇଲ ଦେଖା

ରାମୁ ଦେଖେ ମୋବାଇଲ ଖାଲି
ସେଥିପାଇଁ ବୋଉଠୁ ଖାଇଲା ଗାଳି।
ଦିନରେ ତାକୁ ଜମା ଦେଖା ଗଲାନି
ସେ ଦୋକାନରୁ ଚଷମା କିଣିଲାନି।
ରାମୁର ଶରୀର ଦୁର୍ବଳ ହେଲା
ଦେହ ସାରା ଖାଲି ଥରି ଉଠିଲା।
କାମ ସେ କିଛି ନ କରିପାରିଲା
ଡାକତର ପାଖକୁ ଦଉଡିଗଲା।
ଡାକ୍ତର କହିଲେ ମୋବାଇଲ ଦେଖା କମା
ନ ମାନିଲେ ରୋଗ କମିବନି ଜମା।
ଆଖି ଔଷଧ ସେ କିଣି ଆଣିଲା
ଚଷମାର ପାୱାର ବଢିଲା।
ମୋବାଇଲ ଦେଖିଲା ପାଠପଢାରେ
ଦେଖିଲାନି ଜମା ଖାଲି ବେଳରେ।
ତା'ର ଭୁଲ ସେ ନିଜେ ବୁଝିପାରିଲା
ତା'ପରେ ମୋବାଇଲ ଦେଖା ଛାଡିଲା।

**– ସାଦ୍ୟାନ୍ତ ଶତପଥୀ**
କ୍ଲାସ-୮, ମଦର୍ସ ପବ୍ଲିକ ସ୍କୁଲ, ପୁରୀ

## କବିତା

### ସତ୍ୟବାଦୀ

ବୀର ପ୍ରସବିନୀ ଏଇ ସତ୍ୟବାଦୀ
ବୀର ପୁତ୍ର ଜନ୍ମ ଦିଏ
ସତ୍ୟ ଅହିଂସା ସେବା ସ୍ନେହ ପ୍ରୀତି
ଶାନ୍ତିର ସଙ୍ଗୀତ ଗାଏ।
ସତ୍ୟବାଦୀ ଆଜି ମହାଦ୍ରୁମଟିଏ
ଏହି ସେ ବକୁଳବନ
ପଞ୍ଚସଖା ଦିନେ ଗଢି ତୋଳିଥିଲେ
ଏ ମାଟିର କଳ୍ପଦ୍ରୁମ।
ମାତୃଭାଷା ଆଉ ଦେଶ ଜାତି ପ୍ରୀତି
ଏଠାରୁ ହେଲା ଉତ୍ପତ୍ତି
ସତ୍ୟବାଦୀ ଆଉ ସାକ୍ଷୀଗୋପାଳ ଯେ
ଗାଉଛି ଅଭୁଲା ସ୍ମୃତି।
ଭଲ ମଣିଷକୁ ଗଢ଼ିଦେଲେ ଦିନେ
ଶ୍ରଦ୍ଧା ନିଷ୍ଠା ମନୋବଳେ
ସାରା ବ୍ରହ୍ମାଣ୍ଡରେ ବାଜିଲା ଡିଣ୍ଡିମ
ଅମର ହେଲେ ଭୂତଳେ।
ସାକ୍ଷୀଗୋପାଳ ଓ ବକୁଳବନର
ଅତୀତ ଗୌରବ ଗାଥା
ପୂତ ପବିତ୍ର ଏ ମାଟିର ଦର୍ଶନେ
ଧନ୍ୟ ହୋଇଯାଏ ମଥା।

**– ନାରାୟଣ ମଲ୍ଲିକ**
କ୍ଲାସ୍- ୧୦, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ପୁରୀ

## ବାଲୁତ ବୀର

ଆମେରେ ଯେତେ ବାଲୁତ ବୀର
ନାହିଁ ଆମର ଆପଣା ପର
ସଭିଏଁ ଆମ ସାଥି।
କାହାକୁ ଆମ ନଥାଏ ଡର
ବାଘ ସମ୍ବର ମାଛ ମଗର
ଅବା ପରଜା ପତି।
ଚିହ୍ନିବା ଆମ ବୁଦ୍ଧିରୁ ଦୂର
କିଏ ଠାକୁର କିଏ ପଥର
କିଏ ଅଟଇ ଯତୀ।
ଦରଘା ଚର୍ଚ୍ଚ ଗୀର୍ଜା ମନ୍ଦିର
ସବୁ ଆମର ଅଟେ ନିଜର
ମଣିଷ ଆମ ଜାତି।
ଦୂରେଇ ଦୁଃଖ ମାତୃ ଭୂମିର
ଗଢ଼ିବା ଆମେ ଦେଶ ଆମର
ଯଶ ଘୋଷିବ କ୍ଷିତି।

**– ବୈକୁଣ୍ଠ ବିହାରୀ ସ୍ୱାଇଁ**
ଶରଣ ଶ୍ରୀକ୍ଷେତ୍ର, ଢେଙ୍କାନାଳ

## କହିଲ ଦେଖି



ସୁନାଭଳି ରଙ୍ଗ ତା'ର ସୁନା ଭଳି କାନ୍ତି
ମନଲୋଭା ବାସ ତା'ର ମନେଭରେ ଶାନ୍ତି
ସରୁ ସରୁ ପାଖୁଡ଼ା ତା' ଲମ୍ବା ଲମ୍ବା ହୋଇ
ଗଛ ସାରା ହସୁଥାଏ ପବନରେ ଶୋଇ
କହିକି ପାରିବ ପିଲେ ତା'ର ନାମ କେହି ?

**ଉ:– ଚମ୍ପାଫୁଲ**



ଶୁଭ୍ରରଙ୍ଗ ଛୋଟ କଢ଼ି ଗହଳ ପତ୍ରରେ ହସଇ
ସଞ୍ଜ ହେଲେ ତା' ବାସ୍ନାରେ ଚଉଦିଗ ମହକଇ
ସରୁ ସରୁ ପାଖୁଡ଼ା ତା' ଦିଶେ ଭାରି ସୁନ୍ଦର
ସଭିଙ୍କ ମନକୁ ମୋହେ ଛୋଟ ତାର ଶରୀର
କହିକି ପାରିବ ପିଲେ ନାମଟି ତାହାର ?

**ଉ:– ମଲ୍ଲୀଫୁଲ**



ପଙ୍କରୁ ଜନମ ତା'ର ରଙ୍ଗ ତା'ର ଗୋଲାପି ଓ ଶୁଭ୍ର
ସରୋବରେ ଶୋଭାପାଏ ଦିଶେ ଅତି ସୁନ୍ଦର
ସୂର୍ଯ୍ୟଙ୍କ କିରଣେ ହସେ ଭ୍ରମରକୁ ମହୁ ପରଷଇ
ଗୋଲାପି ଗୋଲାପି ପାଖୁଡ଼ା ତା' ସୁନ୍ଦର ଦିଶଇ
କହିକିପାରିବ ପିଲେ ତା'ର ନାମ କେହି ?

**ଉ:– ପଦ୍ମଫୁଲ**




ରଙ୍ଗ ବେରଙ୍ଗ ପାଖୁଡ଼ା ତା' କଣ୍ଟା ଗହଳରେ ହସେ
ଶିଶିର ବିନ୍ଦୁ ତା' ପାଖୁଡାରେ ମୋତି ପରି ଝଲସେ
ମନଲୋଭା ଚେହେରା ତା' ନାଲି ଧଳା ରଙ୍ଗର
ଫୁଲଙ୍କ ଭିତରେ ମନଲୋଭା ସଭିଙ୍କର ପ୍ରିୟ
କହିକିପାରିବ କେହି ନାମଟି ତାହାର ?

**ଉ:– ଗୋଲାପଫୁଲ**

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ, ଜଗତ୍‌ସିଂହପୁର
ମୋ: ୯୬୬୮୮୧୫୩୬୯

# ତୁମ ତୂଳୀରୁ

୧



୨




୭


୩



୪


୫


୮


୬


୧


**ଶିବାଂଶୁ ପ୍ରଧାନ**
କ୍ଲାସ- ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାରୁତି ନଗର, ପୁରୀ

୨

**ଶିବମ୍ ସୁବୁଦ୍ଧି**
କ୍ଲାସ-୯, ମହା ବିନାୟକ ବିଦ୍ୟାୟନ, ବଡଚଣା, ଯାଜପୁର

୩

**ଦୀପ୍ତିମୟୀ ଶବର**
କ୍ଲାସ- ୮, ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ, ଅଡ଼ବା, ଗଜପତି

୪

**ସାଇ ସତ୍ୟମ୍ ପ୍ରଧାନ**
କ୍ଲାସ- ୬, ସାରଦା ବିହାର ୟୁ.ପି ସ୍କୁଲ, ସମାଗରା, ପୁରୀ

୫

**ସାନ୍ଭି ଶନାୟା ସା**
କ୍ଲାସ-୪, ବିଜେଇଏମ୍ ସ୍କୁଲ-୧, ଭୁବନେଶ୍ୱର

୬

**ଦମୟନ୍ତୀ ଟୁଡୁ**
କ୍ଲାସ-୫, ସରକାରୀ ଉଚ୍ଚ ବିଦ୍ୟାଳୟ, ଅଦାପାଳ, ଉଦଳା, ମୟୂରଭଞ୍ଜ

୭

**ରୋନୋଭ ଅଗ୍ରୱାଲ**
କ୍ଲାସ- ୬, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ

୮

**ଜିଶାନ୍ତ ପାଢ଼ୀ**
କ୍ଲାସ- ୨, ଏପିଜେ ସ୍କୁଲ, ଭୁବନେଶ୍ୱର

# ଆଦୌ ଯୁଦ୍ଧ ଲଢ଼ି ନ ଥିବା ଦେଶ


ପିଲାଏ, ବର୍ତ୍ତମାନ ବିଶ୍ୱରେ ଏକ ଅଶାନ୍ତ ବାତାବରଣ ଚାଲିଛି। ଗୋଟିଏ ପଟେ ରୁଷିଆ-ୟୁକ୍ରେନ ଯୁଦ୍ଧ ଶେଷ ହୋଇ ନ ଥିବା ବେଳେ ଆମେରିକା-ଇସ୍ରାଏଲର ମିଳିତ ଭାବରେ ଇରାନ୍ ଉପରେ ଆକ୍ରମଣ ବର୍ତ୍ତମାନ ଆଲୋଚନାର ମୁଖ୍ୟ ବିଷୟ ପାଲଟିଛି। ହେଲେ ବିଶ୍ୱରେ ଶାନ୍ତିପ୍ରିୟ ଦେଶ ତାଲିକାରେ ଏଭଳି କେତୋଟି ଦେଶ ଅଛନ୍ତି ଯେଉଁମାନେ କେବେ ଯୁଦ୍ଧ କରିନାହାନ୍ତି, କିମ୍ବା କୌଣସି ଯୁଦ୍ଧରେ କାହାକୁ ସହଯୋଗ କରିନାହାନ୍ତି। ସେ ବିଷୟରେ ସୂଚନା...

## କୋଷ୍ଟାରିକା




୧୯୪୮ରେ କୋଷ୍ଟାରିକା ଦେଶରେ ଗୃହଯୁଦ୍ଧ ହୋଇଥିଲା ଆଉ ତାହା କିଛି ସପ୍ତାହ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ପାଖାପାଖି ୨୦୦୦ ଲୋକ ମୃତ୍ୟୁବରଣ କରିଥିଲେ। ଏହି ଦେଶରେ ଏକ ସର୍ଭେ କରାଯାଇଥିଲା। ଏଥିରେ ପାଖାପାଖି ୮୩ ପ୍ରତିଶତ ଲୋକ ସୈନ୍ୟବାହିନୀ ବିରୁଦ୍ଧରେ ମତ ଦେଇଥିଲେ। ସେବେଠାରୁ ଏହି ଦେଶରେ କୌଣସି ସୈନବାହିନୀ ନାହାନ୍ତି ଏବଂ କୌଣସି ଦେଶ ସହ ଏହାର ଯୁଦ୍ଧ ମଧ୍ୟ ହୋଇନାହିଁ। ଏହାର କ୍ଷେତ୍ରଫଳ ହେଉଛି ୫୧,୦୬୦ ବର୍ଗକିମି ଏବଂ ଲୋକସଂଖ୍ୟା ପ୍ରାୟ ୫୧ ଲକ୍ଷ। ଜାତିସଂଘ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ଏହି ଦେଶରେ ଅବସ୍ଥିତ।

## ସାନ୍ ମାରିନୋ



ଆଦୌ ଯୁଦ୍ଧ କରି ନ ଥିବା ପ୍ରମୁଖ କେତୋଟି ଦେଶ ତାଲିକାରେ ରହିଛି ସାନ୍ ମାରିନୋ। ଚତୁର୍ଥ ଶତାବ୍ଦୀରେ ଗଠିତ ହୋଇଥିବା ଏହି ଦେଶ ଏପର୍ଯ୍ୟନ୍ତ କଦାପି ଯୁଦ୍ଧ ଲଢ଼ିନାହିଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀର ସୈନ୍ୟବାହିନୀ ଏହି ଦେଶକୁ ଅକ୍ତିଆର କରିଥିଲେ। ଏହି ସମୟରେ ଜର୍ମାନୀ ସେନା ସାନ୍ ମାରିନୋରେ ଥିବା ପାହାଡଗୁଡିକୁ ତାହାର ମିତ୍ରଦେଶର ସୈନ୍ୟବାହିନୀର ଆଶ୍ରୟସ୍ଥଳୀ ଭାବରେ ବ୍ୟବହାର କରିଥିଲା। ଶେଷରେ ଉକ୍ତ ଦେଶ ବିନା ଯୁଦ୍ଧରେ ସେମାନଙ୍କ କବଳରୁ ମୁକୁଳିବାରେ ସକ୍ଷମ ହୋଇଥିଲା।

## ଲିକ୍ଟେନ୍‌ଷ୍ଟିନ



ୟୁରୋପରେ ଥିବା ଲିକ୍ଟେନଷ୍ଟିନ୍ ହେଉଛି ଏପରି ଏକ ଦେଶ ଯେଉଁଠାରେ ୧୮୬୮ ମସିହା ପରଠାରୁ କେବେ ଯୁଦ୍ଧ ହୋଇନାହିଁ। କାରଣ ୧୮୬୬ରେ ଏହି ଦେଶ ଶେଷ ଥର ପାଇଁ ଯୁଦ୍ଧ ଲଢ଼ିଥିଲା ଯାହାର ଭୟାବହତା ସେଠାକାର ସରକାରଙ୍କୁ ଏତେମାତ୍ରାରେ ପ୍ରଭାବିତ କରିଥିଲା। ଯେ, ସେଠାରେ ପୂନର୍ବାର ଯୁଦ୍ଧ ନ ହେବା ଲାଗି ସୈନ୍ୟବାହିନୀକୁ ଭାଙ୍ଗି ଦିଆଯାଇଥିଲା। ଉକ୍ତ କ୍ଷୁଦ୍ର ଦେଶର କ୍ଷେତ୍ରଫଳ ହେଉଛି ୧୬୦ ବର୍ଗ କିମି ଏବଂ ଲୋକସଂଖ୍ୟା ହେଉଛି ମାତ୍ର ୪୦,୦୦୦।

## ଆଇସଲ୍ୟାଣ୍ଡ



୧୯୪୪ରେ ଆଇସଲ୍ୟାଣ୍ଡ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିଲା। ଏହାପରେ ଉକ୍ତ ଦେଶ କଦାପି ଯୁଦ୍ଧରେ ଅଂଶଗ୍ରହଣ କରିନାହିଁ। ସେବେଠାରୁ ଆଇସଲ୍ୟାଣ୍ଡ ଶାନ୍ତି ପ୍ରତିଷ୍ଠା ଦିଗରେ ଗୁରୁତ୍ୱ ଦେଇଆସିଛି। ଏହାର କ୍ଷେତ୍ରଫଳ ହେଉଛି ମାତ୍ର ୧,୦୩,୦୦୦ ବର୍ଗକିମି, ଯାହା ପ୍ରାୟ ହିମାଚଳ ପ୍ରଦେଶ ସହ ସମାନ। ଏହାର ଲୋକସଂଖ୍ୟା ହେଉଛି ପାଖାପାଖି ଚାରି ଲକ୍ଷ। ଏହି ଦେଶର କୌଣସି ସ୍ଥାୟୀ ସୈନ୍ୟବାହିନୀ ନାହିଁ। କେବଳ ଦେଶକୁ ସୁରକ୍ଷା ଦେବାକୁ ସୁରକ୍ଷାକର୍ମୀ ନିୟୋଜିତ ହୋଇଛନ୍ତି।

## ଭାଟିକାନ୍ ସିଟି



କଦାପି ଯୁଦ୍ଧ ଲଢ଼ି ନ ଥିବା ଅନ୍ୟତମ ଦେଶ ହେଉଛି ଭାଟିକାନ୍ ସିଟି। ଏହି ଦେଶର ମଧ୍ୟ ସୈନ୍ୟବାହିନୀ ନାହିଁ। ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ଦେଶ ଭାବରେ ଏହା ପରିଗଣିତ ହୋଇଥାଏ ଏବଂ ଏହାର ସୁରକ୍ଷା ଦାୟିତ୍ୱ ସୁରକ୍ଷାକର୍ମୀଙ୍କ ହାତରେ ରହିଛି। ଏହି ଦେଶର କେହି ସ୍ଥାୟୀ ବାସିନ୍ଦା ନାହାନ୍ତି। କେବଳ ଲୋକମାନେ ସେଠାକୁ କିଛି ବର୍ଷ ପାଇଁ ଯାଇ ଅସ୍ଥାୟୀ ଭାବରେ ରହିଥାଆନ୍ତି ଏବଂ ପୁଣି ନିଜ ଦେଶକୁ ଫେରିଯାଆନ୍ତି।

## କେତେକ ପ୍ରମୁଖ ଦେଶର ମୁଦ୍ରା ସମ୍ପର୍କରେ ସୂଚନା


- ଭାରତ — ରୁପି
- ଆମେରିକା — ଡଲାର
- ରଷିଆ — ରୁବଲ୍
- ଜାପାନ୍ — ୟେନ୍
- ଚାଇନା — ୟୁଆନ
- ବାଂଲାଦେଶ — ଟାକା
- ବ୍ରାଜିଲ୍ — ରିୟଲ
- ଇଣ୍ଡୋନେସିଆ — ରୁପିଆ
- ଇରାନ୍ — ରିଆଲ



← ରୁପି



ଡଲାର →



↑ ରୁବଲ୍

ରିଆଲ ↓



## ସମୁଦ୍ରରେ ଜାହାଜ କିପରି ଦିଗ ଜାଣିପାରେ

ସମୁଦ୍ରର ନୀଳ ଜଳରାଶିରେ ଜାହାଜଟିଏ ଦେଖିଲେ ଭାରି ମଜା ଲାଗେ, ନୁହେଁ! ହେଲେ ଜାହାଜଟିଏ ହଜାର ହଜାର ରାସ୍ତା ଅତିକ୍ରମ କରିବା ସମୟରେ ବେଶ୍ ସତର୍କତା ଅବଲମ୍ବନ କରାଯାଇଥାଏ। ବିଶେଷଭାବରେ ହର୍ମୁଜ ପରି ସମ୍ବେଦନଶୀଳ ପଥକୁ ଅତିକ୍ରମ କରୁଥିବା ଜାହାଜ ଅଧିକ ସତର୍କତା ଅବଲମ୍ବନ କରନ୍ତି। କାରଣ ଏହି ଜଳପଥ ଦେଇ ତୈଳ ଏବଂ ଗ୍ୟାସ ଲୋଡ୍ ହୋଇଥିବା ଜାହାଜ ବିଭିନ୍ନ ଦେଶକୁ ଯାଇଥାଏ। ସମୁଦ୍ର ଭିତରେ ଜାହାଜର ଗତିକୁ ଅତ୍ୟାଧୁନିକ ଟେକନିକ, ନେଭିଗେସନ ସିଷ୍ଟମ ଏବଂ ଅନ୍ତଃରାଷ୍ଟ୍ରୀୟ ନିୟମ ଅନୁସାରେ ନିୟନ୍ତ୍ରଣ କରାଯାଏ। ଏହି ସମୟରେ ରେଡିଓ କମ୍ୟୁନିକେଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ଏହାଦ୍ୱାରା ଜାହାଜଗୁଡିକ ପରସ୍ପର ସହ ଯୋଗାଯୋଗ ରକ୍ଷା କରିଥାଆନ୍ତି। ସମୁଦ୍ର ଭିତରେ ଜାହାଜଟି ସାଟେଲାଇଟ୍ କମ୍ୟୁନିକେଶନ ସହାୟତାରେ ଯାତ୍ରା କରିଥାଏ। ଏହାଦ୍ୱାରା ଜାହାଜର ବେଗ, ଗତିପଥ ଏବଂ ଅନ୍ୟାନ୍ୟ ତଥ୍ୟ ବିଷୟରେ ଏହାର କ୍ୟାପଟେନ ଜାଣିପାରନ୍ତି। ଏହି କମ୍ୟୁନିକେଶନ ମାଧ୍ୟମରେ ଜାହାଜର ପାଇଲଟ କଣ୍ଟ୍ରୋଲ ରୁମ୍ ସହ ଅନବରତ ସମ୍ପର୍କରେ ରହିଥାନ୍ତି। ବର୍ତ୍ତମାନ ଜାହାଜଗୁଡିକରେ 'ଅଟୋମେଟିକ ଆଇଡିଣ୍ଟିଫେକଶନ ସିଷ୍ଟମ (ଏଆଇଏସ) କୁ ସଂଯୋଗ କରାଯାଇଛି। ଏହାଦ୍ୱାରା ଜାହାଜଟି ଗତି କରୁଥିବା ସ୍ଥାନ, କେଉଁ ଦେଶକୁ ଯିବ, ଜାହାଜର ବେଗ ବିଷୟରେ ସ୍ପଷ୍ଟ ଭାବରେ ଜଣାପଡିଥାଏ।

